# NATIONAL NEWS BULLETIN (ODIA)

**8 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭଦୋଦରାଠାରେ ୩୫ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ସାକ୍ଷରତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସାକ୍ଷରତା ଦିବସ ।

- ଭାରତରତ୍ନ ଡକ୍ଟର ଭୂପେନ ହଜାରିକାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଓଡ଼ିଶା ସମେତ ୬ଟି ରାଜ୍ୟରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ସତର୍କତା ଜାରି ।

---

## ପିଏମ୍-ଗୁଜୁରାଟ ଡେଭଲପମେଣ୍ଟ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜୁରାଟ ଗସ୍ତରେ ଯାଇ ଭଦୋଦରାଠାରେ ୩୫ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ

ପଶ୍ଚିମାଞ୍ଚଳ ସମର୍ପିତ ମାଲ ପରିବହନ କରିଡରର ୩ଟି ପ୍ରମୁଖ ଭାଗକୁ ଆଜି ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସଂପୃକ୍ତ ମାଲ ପରିବହନ କରିଡର ଗୁଡ଼ିକର ନିର୍ମାଣକାର୍ଯ୍ୟ ଶେଷ ହେବା ପରେ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନୂଆ ସାନନ୍ଦ, ନୂଆ ମକରପୁରା, ନୂଆ ଉମ୍ବରଗାଉଁ ଏବଂ ନୂଆ ଜେଏନ୍‌ପିଟିରୁ ମାଲ ପରିବହନ ରେଳ ସେବାର ଶୁଭାରମ୍ଭ କରିଛନ୍ତି । ଏଥିସହିତ ତଣ୍ଡା ରୋଡ ଏବଂ ଭଦୋଦରା ମଧ୍ୟରେ ଏକ ଯାତ୍ରୀବାହୀ ଟ୍ରେନ୍‌ର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ଜନ ସମାବେଶକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଦେଶରେ ପରିବହନ ଏବଂ ମାଲ୍ ପରିବହନ କ୍ଷେତ୍ରକୁ ସହଜସାଧ୍ୟ କରିବାଲାଗି ଏପର୍ଯ୍ୟନ୍ତ ୨ହଜାର ୮୦୦ କିଲୋମିଟରରୁ ଅଧିକ ସମର୍ପିତ ମାଲ ପରିବହନ କରିଡର ନିର୍ମାଣ କରି ଭାରତ ଏକବିଂଶ ଶତାବ୍ଦୀର ଲକ୍ଷ୍ୟ ପୂରଣ କରିଛି ।

**V/O (PM Dedicated Corrider)**

ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ପ୍ରକଳ୍ପ ୨୦୦୬ ମସିହାରେ ଯୋଜନା କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରି ନଥିଲା । ତେବେ ଗତ ଦଶନ୍ଧିରେ ସରକାର ଦେଶର ଜୀବନଧାରା କୁହାଯାଉଥିବା ପରିବହନ କ୍ଷେତ୍ରରେ ଆମୁଳଚୂଳ ପରିବର୍ତ୍ତନ କରିବା ସହ ରାଷ୍ଟ୍ରୀୟ ପରିବହନ ଇକୋ ସିଷ୍ଟମକୁ ନୂଆଦିଗ ପ୍ରଦାନ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ବିଭିନ୍ନ କରିଡର ନିର୍ମାଣ ହେବାଦ୍ୱାରା ଯାତ୍ରାସମୟ ହ୍ରାସ ପାଇବା ସହ ଇନ୍ଧନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି । ଅନ୍ୟପକ୍ଷରେ ପରିବେଶ ଉପରେ ଏହାର ପ୍ରଭାବ

ହ୍ରାସ ପାଉଛି ଓ ସାରା ଦେଶରେ ସ୍ୱଚ୍ଛ ଯୋଗାଣ ଶୃଙ୍ଖଳ ପରିଚାଳନା କରାଯାଉଛି ।

**V/O (PM Vikshit Bharat)**

ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୯ହଜାର ୭୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୩ଟି ରେଳ ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଗୁଜୁରାଟରୁ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ରାସ୍ତା ସଂଯୋଗୀକରଣ ବ୍ୟବସ୍ଥାର ବିକାଶ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ୧ହଜାର ୭୦୦ କୋଟିରୁ ଅଧିକ ଟଙ୍କାର ୩ଟି ଜାତୀୟ ରାଜପଥ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ଗସ୍ତ କରି ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ।

# ଇଣ୍ଟରନ୍ୟାସନାଲ ଲିଟେର୍ସୀ ଡେ

ପ୍ରତ୍ୟେକଟି ମଣିଷ, ସମ୍ପ୍ରଦାୟ ଓ ସମାଜ ପାଇଁ ସାକ୍ଷରତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସାକ୍ଷରତା ଦିବସ । ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୮ ତାରିଖରେ ଏହି ଦିବସ ପାଳନ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ଗୁରୁତ୍ୱ ନେଇ ଜନ ସଚେତନତା କରାଯାଉଛି । ଚଳିତବର୍ଷ ଆନ୍ତର୍ଜାତିକ ସାକ୍ଷରତା ଦିବସର ବାର୍ତ୍ତା ରହିଛି 'ଜନସାଧାରଣ, ବିଶ୍ୱ ଓ

ସମୃଦ୍ଧି ପାଇଁ ସାକ୍ଷରତା' । ୧୯୬୬ ମସିହା ଅକ୍ଟୋବର ୨୬ ତାରିଖରେ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଲାଗି ଘୋଷଣା କରାଯାଇଥିଲା । ଆଜି ୟୁନେସ୍କୋ ପକ୍ଷରୁ ମେକ୍ସିକୋରେ ଏହି ଦିବସ ପାଳନ ଅବସରରେ ବିଶ୍ୱରେ ସାକ୍ଷରତା କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଉଛି । ୨୦୧୫ ମସିହା ପରଠାରୁ ସାକ୍ଷରତା ଅଭିବୃଦ୍ଧିକୁ ପ୍ରମୁଖ ମନ୍ତ୍ର ଭାବେ ଗ୍ରହଣ କରାଯାଇ ସମାବେଶୀ ବିକାଶ ଓ ଶାନ୍ତି ସ୍ଥାପନର ଏକ ପ୍ରମୁଖ ସ୍ତମ୍ଭ ଭାବେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ କରାଯାଉଛି ।

## ରାଜନାଥ-ଶ୍ରୀଲଙ୍କା ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ତିନିଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୃଢ଼, ଐତିହାସିକ ଓ ସଭ୍ୟତାଗତ ସମ୍ପର୍କ ରହିଛି । ପଡୋଶୀ ପ୍ରଥମେ ନୀତି ଓ ମହାସାଗର ପଦକ୍ଷେପ ସ୍ୱରୂପ ଭାରତ' ଶ୍ରୀଲଙ୍କାକୁ ସବୁ ସମୟରେ ଅଗ୍ରାଧିକାର ଦେଇଆସିଛି । ଏହି ଗସ୍ତକାଳରେ ମନ୍ତ୍ରୀ ଶ୍ରୀ ସିଂହ ଶ୍ରୀଲଙ୍କାରେ ବସବାସ କରୁଥିବା ଭାରତୀୟମାନଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍-ହଜାରିକା

ପ୍ରସିଦ୍ଧ ଗାୟକ ଆସାମ ବିଧାନସଭାର ପୂର୍ବତନ ସଦସ୍ୟ ତଥା ଭାରତରତ୍ନ ଡକ୍ଟର ଭୂପେନ ହଜାରିକାଙ୍କ ଆଜି ୧୦୦ତମ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଡକ୍ଟର ଭୂପେନ ହଜାରିକାଙ୍କ କାଳଜୟୀ ସଂଗୀତ ଏବଂ ଶକ୍ତିଶାଳୀ ଶବ୍ଦବିନ୍ୟାସ ତାଙ୍କୁ ଜନମାନସରେ ଚିରସ୍ମରଣୀୟ କରି ରଖିଛି । ଉପରାଷ୍ଟ୍ରପତି କହିଛନ୍ତି ଉତ୍ତର-ପୂର୍ବାଞ୍ଚଳର ନୈସ୍ୱର୍ଗିକ ଶୋଭାର ବର୍ଣ୍ଣନା ଥିବା ତାଙ୍କର ପ୍ରତିଟି ଗୀତ ସଂଗୀତ ପ୍ରେମୀଙ୍କ ମଧ୍ୟରେ ଭାବାବେଗ ସୃଷ୍ଟି କରିଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ, ଏହି କିମ୍ବଦନ୍ତୀ ଗାୟକଙ୍କ ଗୀତ ଲୋକମାନଙ୍କୁ ନିକଟତର କରିଥିଲା । ସଂଗୀତ ମାଧ୍ୟମରେ ଡକ୍ଟର ହଜାରିକା ଅସଂଖ୍ୟ ଲୋକଙ୍କ ଚିନ୍ତାଧାରା ଏବଂ ଆକାଂକ୍ଷାକୁ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ଗତବର୍ଷ ଗୌହାଟୀରେ ଭୂପେନ ହଜାରିକାଙ୍କ ଜନ୍ମ ଶତବାର୍ଷିକ ସମାରୋହ ପ୍ରାରମ୍ଭରେ ଯୋଗଦେଇଥିବା କଥା ମନେ ପକାଇଥିଲେ । ସେ କହିଥିଲେ ଯେ, ଡକ୍ଟର ହଜାରିକାଙ୍କ ଜୀବନ ଏବଂ କାର୍ଯ୍ୟ ପୀଢ଼ି ପରେ ପୀଢ଼ି ପ୍ରେରଣା ଯୋଗାଇବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଡକ୍ଟର ଭୂପେନ ହଜାରିକାଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ

କହିଛନ୍ତି ଯେ, ଭୂପେନ ଦା'ଙ୍କ ସଙ୍ଗୀତ ଆସାମୀ ସଂସ୍କୃତିକୁ ଏହାର ସମସ୍ତ ବିବିଧତା ସହ ବିଶ୍ୱ ଦରବାରରେ ପହଞ୍ଚାଇଥିଲା । ତାଙ୍କ ଗୀତର ବାଣୀ ସେହି ମୂଳ ଭାବନାକୁ ପ୍ରତିଫଳିତ କରୁଥିଲା, ଯାହା ସମାଜକୁ ଯୁଗ ଯୁଗ ଧରି ଏକତ୍ରିତ କରି ରଖିଛି । ତାଙ୍କର ଅମର ଅବଦାନ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟକୁ ଅନୁପ୍ରାଣିତ କରି ଚାଲିଥିବ ବୋଲି ଶ୍ରୀ ଶାହା କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ, ଡକ୍ଟର ହଜାରିକା ଜଣେ ଉଚ୍ଚ ସାଂସ୍କୃତିକ ଆଇକନ୍ ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ଆସାମର ଆତ୍ମାକୁ ସେ ତାଙ୍କ ସଂଗୀତରେ ସ୍ୱର ଦେଇଥିଲେ ଏବଂ ତାଙ୍କ ସଂଗୀତରେ ଗଭୀର ମାନବିକତା ମାଧ୍ୟମରେ ଭାରତର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥିଲେ । ଡକ୍ଟର ହଜାରିକାଙ୍କ କାଳଜୟୀ ରଚନା, ସହାନୁଭୂତି, ସୌହାର୍ଦ୍ଦ୍ୟ ଏବଂ ସାମାଜିକ ନ୍ୟାୟର ଆଦର୍ଶକୁ ପ୍ରତିଫଳିତ କରିଥାଏ ବୋଲି ଶ୍ରୀ ସିଂହ କହିଛନ୍ତି ।

## କୋର୍ଟ-ଡିୟୁ ହଷ୍ଟେଲ

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟରେ ଛାତ୍ରାବାସ ସୁବିଧା ଯୋଗାଇଦେବା ନେଇ ହୋଇଥିବା ଜନସ୍ୱାର୍ଥ ମାମଲାରେ ତ୍ୱରିତ ଶୁଣାଣି କରିବାକୁ ଦିଲ୍ଲୀ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି । ନ୍ୟାୟାଳୟ କହିଛନ୍ତି ଏହି ମାମଲା ସ୍ୱୟଂକ୍ରିୟ ପଦ୍ଧତିରେ

ଆସନ୍ତାକାଲି ପଞ୍ଜିକୃତ ହୋଇପାରିବ । ଗତ ସପ୍ତାହରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ନିକଟବର୍ତ୍ତୀ ସତ୍ୟ ନିକେତନ ଘରୋଇ ଛାତ୍ରାବାସ ଭୁଶୁଡି ପଡିବା ଘଟଣାରେ ୭ଜଣଙ୍କ ମୃତ୍ୟୁ ହେବାପରେ ଏହି ଆବେଦନ କରାଯାଇଛି । ମୁଖ୍ୟ ବିଚାରପତି ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଏଭଳି ପରିସ୍ଥିତିରେ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । ଗତକାଲି ଏହି ଘଟଣା ସମ୍ପର୍କିତ ଅନ୍ୟଏକ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିବା ଖଣ୍ଡପୀଠ କହିଛନ୍ତି ।

## ବିହାର ଫ୍ଲଡ

ବିହାରରେ ପ୍ରବାହିତ ଗଙ୍ଗା, ଗଣ୍ଡକ, କୋଶି ଏବଂ ସୋନ୍ ନଦୀର ଜଳସ୍ତର ହ୍ରାସ ପାଇବା ଫଳରେ ବନ୍ୟାସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଛି । ତେବେ କେତେକ ଅଞ୍ଚଳ ବନ୍ୟାଜଳ ପ୍ଲାବିତ ହୋଇଥିବାରୁ ସଂପୃକ୍ତ ଅଞ୍ଚଳ ଗୁଡ଼ିକରେ ପରସ୍ଥିତି ଜଟିଳ ରହିଛି । ଚଳିତ ବନ୍ୟାରେ ବିହାରର ୧୩ଟି ଜିଲ୍ଲାର ୨୭ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । କେତେକ ଅଞ୍ଚଳରେ ସଂଯୋଗୀକରଣ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଥିବାବେଳେ ପ୍ରଭାବିତ ଲୋକମାନଙ୍କ ନିକଟରେ ରିଲିଫ ସହାୟତା ପହଞ୍ଚାଯାଉଛି । ବିହାର

ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ରିଲିଫ କାର୍ଯ୍ୟ ଜୋର୍‌ଦାର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ସାଉଦୀ–ହୂତୀ ଆଟାକ

ସାଉଦୀଆରବ ଉପରେ ଆଜି ହୂତୀ ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ୟେମେନ୍‌ରେ ହୂତୀ ଏବଂ ସାଉଦୀ ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ଗତ କିଛିସପ୍ତାହ ଧରି ଚାଲିଥିବା ସଂଘର୍ଷ ପରେ ଏହି ଆକ୍ରମଣ ହୋଇଛି, ଯାହା ଦେଶର ଗୃହଯୁଦ୍ଧରେ ୪ବର୍ଷର ଯୁଦ୍ଧବିରତିକୁ ଉଲ୍ଲଙ୍ଘନ କରିଛି ।

ସାଉଦୀ କର୍ତ୍ତୃପକ୍ଷ କହିଛନ୍ତି ଯେ, ହୂତୀ ବିଦ୍ରୋହୀମାନେ ସାଉଦୀ ସହର ଆଭା, ଜାଜାନ୍, ନଜରାନ ଏବଂ ଖାମିସ ମୁସାଇଟ୍‌ରେ ବେସାମରିକ ଏବଂ ଅର୍ଥନୈତିକ ସୁବିଧା କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟକରି ଆକ୍ରମଣ କରିବା ଫଳରେ ମହିଳା ଏବଂ ଶିଶୁଙ୍କ ସମେତ ୭୩ଜଣ ଆୟତ ହୋଇଛନ୍ତି । ସାଉଦୀ ନେତୃତ୍ୱାଧୀନ ମିଳିତ ମଞ୍ଚର ମୁଖପାତ୍ର ମେଜର ଜେନେରାଲ ତୁର୍କୀ ଅଲ୍ ମାଲିକ୍ ଏହି ଆକ୍ରମଣକୁ ଭୟଙ୍କର ବୋଲି ବର୍ଣ୍ଣନା କରିବା ସହ ଏହାର ପ୍ରତିଶୋଧ ନିଆଯିବ ବୋଲି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏହି ଆକ୍ରମଣ ସମ୍ପର୍କରେ ହୂତୀମାନେ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦେଇନାହାନ୍ତି ।

## ପାରା ତୀରନ୍ଦାଜୀ

ବିଶ୍ୱ ପାରା ତୀରନ୍ଦାଜୀ ପ୍ରତିଯୋଗିତାର ଆଜି ଅହମ୍ମଦାବାଦରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟରେ ଭାରତ ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି । ହରବିନ୍ଦର ସିଂହ ଏବଂ ବିଜୟ ସୁଣ୍ଡି ପୁରୁଷ ଡବଲ୍ସ ଫାଇନାଲରେ ସ୍ଲୋଭାକିଆ ଯୋଡ଼ିଙ୍କୁ ୬-୨ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ପୂର୍ବରୁ ବ୍ୟାଙ୍କକ ଏବଂ ନୋଭେମେଷ୍ଟୋଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ମଧ୍ୟ ଏହି ଭାରତୀୟ ଯୋଡ଼ି ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ସେହିପରି ମହିଳା ବର୍ଗରେ ଭାରତୀୟ ଯୋଡ଼ି ପୂଜା ଯତ୍ୟାନ ଏବଂ ଭାବନା ଚୌଧୁରୀ ଚୀନ୍ ଯୋଡ଼ିଙ୍କ ଠାରୁ ୬-୦ରେ ପରାସ୍ତ ହୋଇ ରୌପ୍ୟପଦକରେ ସୀମିତ ରହିଛନ୍ତି ।

## ଆଇଏମ୍‌ଡି

ଓଡ଼ିଶା ସମେତ ବିହାର, ପୂର୍ବ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିଛି । ସେହି ସମୟ ମଧ୍ୟରେ ଓଡ଼ିଶା ସମେତ ଅନ୍ୟକେତେକ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଥିବା ବିଭାଗ ସୂଚନା ଦେଇଛି ।